# କେରଳମ୍‌ରେ ୟୁଡିଏଫ୍‌ର ବିଜୟ ଧ୍ୱଜା

ଥିରୁଭନନ୍ତପୁରମ୍,୪।୫(ଏଜେନ୍ସି):




## ସତୀଶନ, ଚେନ୍ନିଥଲା, ଭେନୁଗୋପାଲଙ୍କ ଚକ୍ରବ୍ୟୂହ

## ଏଲ୍‌ଡ଼ିଏଫ୍ ପାଇଁ ଘାତକ ହେଲା ଅତ୍ୟଧିକ ଆତ୍ମବିଶ୍ୱାସ

## ତିନିଟି ଆସନରେ ବିଜୟର ବିହନ ପୋତିଲା ବିଜେପି

କେରଳମ୍ ବିଧାନସଭା ନିର୍ବାଚନରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡ଼ିଏଫ୍)ର ବିଜୟ କଂଗ୍ରେସ ପାଇଁ କେବଳ ଆଶାର ସଞ୍ଚାର କରିନାହିଁ, ସମ୍ମିଳିତ ଲଢ଼େଇ ସଫଳତାର ଚାବି ବୋଲି ପୁଣିଥରେ ପ୍ରମାଣିତ କରିଛି। ଗୋଟିଏ ଦଶନ୍ଧି ପରେ କଂଗ୍ରେସ ନେତୃତ୍ୱାଧୀନ ୟୁଡ଼ିଏଫ୍ କେରଳରେ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଅନ୍ୟପକ୍ଷରେ ୩ଟି ଆସନରେ ବିଜୟ ସହ ବିଜେପି ମଧ୍ୟ କେରଳରେ ଆଗାମୀ ଦିନରେ ଦ୍ୱିମୁଖୀ ନୁହେଁ, ତ୍ରିମୁଖୀ ଲଢ଼େଇ ହୋଇପାରେ ବୋଲି ଏକ ବାର୍ତ୍ତା ଦେଇଛି।

କଂଗ୍ରେସ ନେତୃତ୍ୱର ୟୁଡ଼ିଏଫ୍ କେରଳମ୍‌ରେ ସବୁ ବର୍ଗ ଓ ସବୁ ଅଞ୍ଚଳରେ ସମର୍ଥନ ହାସଲ କରିଛି। ୟୁଡ଼ିଏଫ୍‌ର ମେଣ୍ଟ ଅଂଶୀଦାର ମୁସଲିମ୍ ଲିଗ୍ ମଧ୍ୟ ଲଢ଼ିଥିବା ଆସନରେ ଭଲ ପ୍ରଦର୍ଶନ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବାମପନ୍ଥୀଙ୍କ ଗଡ଼ କୁହାଯାଉଥିବା ପାୟ୍ୟାନ୍ନୁର, ତାଲିପାରମ୍ବା ଓ ଆମ୍ବଲାପୁଝା ଭଳି ଆସନରେ ଏଲ୍‌ଡ଼ିଏଫ୍ ବିଦ୍ରୋହୀମାନେ କଂଗ୍ରେସ ସମର୍ଥନରେ ବିଜୟ ହାସଲ କରିଛନ୍ତି। ଯାହା କଂଗ୍ରେସ ପାଇଁ ସବୁଠାରୁ ବଡ଼ ଆଶ୍ୱାସନା ହୋଇଥିବା କୁହାଯାଉଛି।

ଦୁଇ ଦଶକ ମଧ୍ୟରେ ଏଲ୍‌ଡ଼ିଏଫ୍ କେରଳମ୍‌ରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ସତ୍ତା ବିରୋଧୀ ଜନାଦେଶକୁ ଏଲ୍‌ଡ଼ିଏଫ୍ ନିଜର କଲ୍ୟାଣକାରୀ ଯୋଜନା ମାଧ୍ୟମରେ ରୋକିବାକୁ ଯେଉଁ ଆଶା ବାନ୍ଧିଥିଲା, ତାହା ସମ୍ପୂର୍ଣ୍ଣ ରୂପେ ଭୁଲ ପ୍ରମାଣିତ ହୋଇଛି। ଗତବର୍ଷ ସ୍ଥାନୀୟ ନିର୍ବାଚନରେ ଏଲ୍‌ଡ଼ିଏଫ୍ ବିରୋଧରେ ଜନାଦେଶ ଆସିଥିଲା, ଯାହାକୁ ଏହାର ନେତୃତ୍ୱ ଗୁରୁତ୍ୱ ଦେଇ ନ ଥିଲେ। ନିଜର ପ୍ରଚାର ଓ ପ୍ରତିପକ୍ଷ ଦୁର୍ବଳତାକୁ ଆୟୁଧ କରି ବିଧାନସଭାରେ ପୁନର୍ବାର ପିନାରାୟୀ ବିଜୟନଙ୍କ ନେତୃତ୍ୱରେ ଏଲ୍‌ଡ଼ିଏଫ୍ କ୍ଷମତାକୁ ଫେରିବାକୁ କରିଥିବା ଆଶା ବୃଥା ଯାଇଛି।

ସତ୍ତାବିରୋଧୀ ଅସନ୍ତୋଷ ଅପେକ୍ଷା ୟୁଡ଼ିଏଫ୍ ବିଜୟ ପଛରେ ସଂଗଠିତ ରଣନୀତି, ସମନ୍ୱିତ ପ୍ରଚାର ଓ ଦଳୀୟ ନେତାଙ୍କ ମିଳିତ ଲଢ଼େଇ ହିଁ ଦାୟୀ ବୋଲି କୁହାଯାଉଛି। ପ୍ରଥମତଃ କ୍ଷମତାସୀନ ଏଲ୍‌ଡ଼ିଏଫ୍ ବିରୋଧରେ ସରକାର-ବିରୋଧୀ ହାୱା ଥିଲା, କିନ୍ତୁ ତାହା କେରଳମ୍‌ର ଦ୍ୱିମୁଖୀ ରାଜନୀତି ପ୍ରଣାଳୀରେ ସେତେ ଗୁରୁତ୍ୱପୂର୍ଣ୍ଣ ମନେ ହେଉ ନ ଥିଲା। ମାତ୍ର ୟୁଡିଏଫ୍ ଏଥର ନିର୍ବାଚନରେ ଭିନ୍ନ ଶୈଳୀ ଆପଣେଇଥିଲା। ଭି ଡି ସତୀଶନ, ରମେଶ ଚେନ୍ନିଥଲା ଓ କେ ସି ବେଣୁଗୋପାଲଙ୍କ ମଧ୍ୟରେ ସମନ୍ୱୟ ସବୁ ବର୍ଗର ଭୋଟରଙ୍କୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଥିଲା। ମୁସଲମାନ, ଖ୍ରୀଷ୍ଟିଆନ, ଉଚ୍ଚବର୍ଗ ଭୋଟରଙ୍କୁ ନିଜ ପକ୍ଷକୁ ଟାଣିରେ ଏହି ତିନି ନେତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ତେବେ କେରଳମ୍‌ରେ ଯେଉଁ ନୂଆ ଘଟଣାଟି ଘଟିଛି, ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପ୍ରଥମଥର ପାଇଁ ବିଜେପି କେରଳମ୍‌ରେ ନିଜର ଉପସ୍ଥିତି ଜାହିର କରିଛି। ନେମୋମ୍, କାଝାକୁଟ୍ଟମ୍ ଓ ଚାଥାନ୍ନୁର ଭଳି ମାତ୍ର ୩ଟି ଆସନରେ ବିଜୟୀ ହୋଇଥିଲେ ହେଁ ବିଜେପି ଆଗାମୀ ଦିନରେ ଦ୍ୱିମୁଖୀ ନୁହେଁ, ତ୍ରିକୋଣୀୟ ପ୍ରତିଯୋଗିତା ହୋଇପାରେ ବୋଲି ବାର୍ତ୍ତା ଦେଇଛି।

## ଶେଷରେ ମମତା ବି ହାରିଲେ



**ଭବାନୀପୁରରେ ଶୁଭେନ୍ଦୁ ଅଧିକାରୀଙ୍କ ବିଜୟ**

**ପୁନଃ ଗଣତି ଦାବି କଲେ ଟିଏମସି ସୁପ୍ରିମୋ**

କୋଲକାତା।୪।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଏକ ନାଟକୀୟ ମୋଡ଼ ନେଇଛି। ରାଜ୍ୟର ସବୁଠାରୁ ହାଇ-ପ୍ରୋଫାଇଲ୍ ଆସନ 'ଭବାନୀପୁର'ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପରାସ୍ତ କରି ବିଜେପିର ଶୁଭେନ୍ଦୁ ଅଧିକାରୀ ବିଜୟ ଲାଭ କରିବା ସହ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ଏହି ପରାଜୟ ପରେ କାଉଣ୍ଟିଂ ସେଣ୍ଟର ବାହାରେ ଉତ୍ତେଜନା ପ୍ରକାଶ ପାଇଛି। ମମତା ବାନାର୍ଜୀ ନିଜକୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରିବା ସହ ନିର୍ବାଚନୀ ଅନିୟମିତତା ଦର୍ଶାଇ ପୁନଃ ଗଣତି ପାଇଁ ଦାବି କରିଛନ୍ତି। ଭବାନୀପୁର ଆସନରେ ବିଜେପିର ମୁଖ୍ୟମନ୍ତ୍ରୀ ଚେହେରା କୁହାଯାଉଥିବା ଶୁଭେନ୍ଦୁ ଅଧିକାରୀ ପ୍ରାୟ ୧୫,୦୦୦ ଭୋଟ୍ ବ୍ୟବଧାନରେ ମମତା ବାନାର୍ଜୀଙ୍କୁ ପରାଜିତ କରିଛନ୍ତି। ଶୁଭେନ୍ଦୁ ପୂର୍ବରୁ ନନ୍ଦିଗ୍ରାମ୍‌ରେ ମଧ୍ୟ ବିଜୟ ହାସଲ କରିବା ସହ ଦୁଇଟି ଆସନରେ ବିଜୟୀ ହୋଇଛନ୍ତି। ଗଣତି କେନ୍ଦ୍ରରେ ପ୍ରାୟ ୫ ଘଣ୍ଟା ରହିବା ପରେ ବାହାରକୁ ଆସି ମମତା ବାନାର୍ଜୀ ଗଣମାଧ୍ୟମ ଆଗରେ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ଭିତରେ ତାଙ୍କୁ ଧକ୍କା ମରାଯିବା ସହ ଶାରୀରିକ ଆକ୍ରମଣ କରାଯାଇଛି। ଗଣତି ପ୍ରକ୍ରିୟାରେ ବ୍ୟାପକ ଜାଲିଆତି ହୋଇଥିବା ଦର୍ଶାଇ ସେ ନିର୍ବାଚନ କମିଶନଙ୍କ ନିକଟରେ ପୁନଃ ଗଣତି ପାଇଁ ଦାବି ଜଣାଇଛନ୍ତି। ବିଜେପି ଶିବିର ଏହି ଅଭିଯୋଗକୁ ପରାଜୟର ହତାଶା ବୋଲି କହି ପ୍ରତ୍ୟାଖ୍ୟାନ କରିଛି। ବଙ୍ଗଳାରେ ବିଜେପିର ଏହି ବୃହତ ବିଜୟ ରାଜ୍ୟ ରାଜନୀତିରେ ଏକ ନୂତନ ଯୁଗର ସୂତ୍ରପାତ କରିଛି। ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଓ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ ମଧ୍ୟ ପରାସ୍ତ ହୋଇଛନ୍ତି। ଫଳରେ ୩ ମୁଖ୍ୟମନ୍ତ୍ରୀ ପରାସ୍ତ ହେବା ସହ ଭାରତୀୟ ରାଜନୀତି ଏକ ନୂଆ ମୋଡ଼ ନେଇଛି।

**ଉପ-ନିର୍ବାଚନ ଫଳାଫଳ; ୭ ଆସନରୁ ବିଜେପିକୁ ୪**

## ବାରାମତୀରେ ସୁନେତ୍ରା ପାୱାରଙ୍କ ଐତିହାସିକ ବିଜୟ

ନୂଆଦିଲ୍ଲୀ,୪।୫(ଏଜେନ୍ସି): ମହାରାଷ୍ଟ୍ରର ବାରାମତୀ ଉପ-ନିର୍ବାଚନରେ ଘଡ଼ଚ ପ୍ରାର୍ଥୀ ସୁନେତ୍ରା ପାୱାର ୨.୧୮ ଲକ୍ଷ ଭୋଟ୍ ବ୍ୟବଧାନରେ ଜିତି ଏକ ନୂଆ ଇତିହାସ ରଚିଛନ୍ତି। ଏହା ଭାରତୀୟ ନିର୍ବାଚନ ଇତିହାସରେ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ବିଜୟ ବ୍ୟବଧାନ। ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ୨୦୨୬ ଜାନୁଆରୀରେ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ଏହି ଆସନ ଖାଲି ପଡ଼ିଥିଲା। ସୁନେତ୍ରା ପାୱାର ହେଉଛନ୍ତି ଅଜିତ ପାୱାରଙ୍କ ପତ୍ନୀ। ବିଜେପି ମୋଟ ୭ଟି ଆସନ ମଧ୍ୟରୁ ୪ଟି ଆସନ ଜିତିବାରେ ସଫଳ ହୋଇଛି। ଏଥିରେ ମହାରାଷ୍ଟ୍ର (ରାହୁରୀ), ଗୁଜରାଟ, ନାଗାଲାଣ୍ଡ ଏବଂ ତ୍ରିପୁରାର ଗୋଟିଏ ଲେଖାଏଁ ଆସନ ସାମିଲ ଅଛି। କର୍ଣ୍ଣାଟକର ବାଗଲକୋଟ ଆସନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ଏବଂ ଦାବଣଗେରେ ଦକ୍ଷିଣ ଆସନରେ ଦଳ ଆଗୁଆ ରହିଛି। ଏହି ଉପ-ନିର୍ବାଚନ ଫଳାଫଳରେ ବିଜେପି ନିଜର ଦବଦବା ବଜାୟ ରଖିଥିବା ବେଳେ, ବାରାମତୀରେ ସୁନେତ୍ରା ପାୱାରଙ୍କ ବିଜୟ ସ୍ୱର୍ଗତ ଅଜିତ ପାୱାରଙ୍କ ପ୍ରତି ଜନସାଧାରଣଙ୍କ ଶ୍ରଦ୍ଧାଞ୍ଜଳି ବୋଲି କୁହାଯାଉଛି।

## ଆର୍‌ଜି କର ପୀଡ଼ିତା ମା'ଙ୍କ ବିପୁଳ ବିଜୟ



କୋଲକାତା,୪।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ସାରା ଦେଶର ନଜର ଥିବା ବେଳେ ପାନିହାଟି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ରତ୍ନା ଦେବନାଥ ଏକ ବଡ଼ ବିଜୟ ହାସଲ କରିଛନ୍ତି। ଆରଜି କର ମାମଲାର ପୀଡ଼ିତା ଡାକ୍ତରଙ୍କ ମାଆ ରତ୍ନା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଟିଏମସି ପ୍ରାର୍ଥୀ ତୀର୍ଥଙ୍କର ଘୋଷଙ୍କ ଠାରୁ ୨୮,୮୩୬ ଭୋଟରେ ବିଜୟୀ ହୋଇଛନ୍ତି। ନିଜର ଏହି ବୃହତ ବିଜୟରେ ପ୍ରତିକ୍ରିୟା ରଖି ରତ୍ନା କହିଛନ୍ତି, "ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି, ମୋର ଏହି ଲଢେଇ ଜାରି ରହିବ'। କୋର୍ଟରେ ନ୍ୟାୟ ପାଇଁ ଚାଲିଥିବା ସଂଗ୍ରାମ ଆଗକୁ ମଧ୍ୟ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏପ୍ରିଲ ୨୯ରେ ଅନୁଷ୍ଠିତ ନିର୍ବାଚନ ସମୟରେ ରତ୍ନାଙ୍କୁ ଟିଏମସି କର୍ମୀଙ୍କ ପକ୍ଷରୁ କଡ଼ା ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ପାନିହାଟିର ବୁଥ୍ ନମ୍ବର ୧୭୫ ପରିଦର୍ଶନରେ ଯିବା ସମୟରେ ତାଙ୍କ ଗାଡ଼ିକୁ ଘେରିଯାଇ 'ଗୋ ବ୍ୟାକ୍' ସ୍ଲୋ।।ଗାନ ଦିଆଯାଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏପରିକି ପୁଲିସ ତାଙ୍କୁ ସେଠାରୁ ଚାଲିଯିବାକୁ କହିଥିବା ନେଇ ପୀଡ଼ିତାଙ୍କ ପିତା ଶେଖରରଞ୍ଜନ ଦେବନାଥ ଅଭିଯୋଗ କରିଛନ୍ତି।

## ଅଟୋ ଷ୍ଟାଣ୍ଡରୁ ବିଧାନସଭା: ବିଜୟ ଧାମୁଙ୍କ ଐତିହାସିକ ବିଜୟ



ଚେନ୍ନାଇ,୪।୫(ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଭାବେ ଚେନ୍ନାଇର ରୟାପୁରମ ନିର୍ବାଚନ ମଣ୍ଡଳୀରେ ବୃତ୍ତିରେ ଜଣେ ଅଟୋ ଚାଳକ ବିଜୟ ଧାମୁ ଟିଭିକେ ଦଳରୁ ବିଜୟ ଲାଭ କରିଛନ୍ତି। ତାମିଲନାଡୁ ରାଜନୀତିର ଦୁଇ ପ୍ରମୁଖ ଶକ୍ତି ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେର ହେଭିୱେଟ୍ ପ୍ରାର୍ଥୀଙ୍କୁ ସେ ପରାସ୍ତ କରି ଏହି ଐତିହାସିକ ସଫଳତା ପାଇଛନ୍ତି। ଅଭିନେତା ବିଜୟଙ୍କ ନୂତନ ଦଳ ଟିଭିକେରୁ ପ୍ରତିଦ୍ୱନ୍ଦ୍ୱିତା କରି ଧାମୁ ପ୍ରାୟ ୫୫,୦୦୦ ରୁ ଅଧିକ ଭୋଟ୍ ପାଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡିଏମ୍‌କେର ସୁବାଇର ଖାନଙ୍କୁ ୧୪,୦୦୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ଏହି ନିର୍ବାଚନରେ ସବୁଠାରୁ ବଡ଼ ବିପର୍ଯ୍ୟୟ ଏଆଇଏଡିଏମ୍‌କେ କ୍ୟାମ୍ପରେ ଦେଖିବାକୁ ମିଳିଛି। ଦଳର ଟାଣୁଆ ନେତା ତଥା ୫ଥରର ବିଧାୟକ ଡି. ଜୟକୁମାର ମାତ୍ର ୧୮,୦୦୦ ଭୋଟ୍ ପାଇ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରୟାପୁରମ ୧୯୯୧ ମସିହାରୁ ଜୟକୁମାରଙ୍କ ଗଡ଼ ଭାବେ ଜଣାଶୁଣା ଥିଲା। ଅଟୋ ଷ୍ଟାଣ୍ଡରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ବିଜୟ ଧାମୁଙ୍କ ଏହି ସଂଘର୍ଷପୂର୍ଣ୍ଣ ଯାତ୍ରା ବର୍ତ୍ତମାନ ତାମିଲନାଡୁ ରାଜନୀତିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି।

## ଆସାମ କଂଗ୍ରେସ ପ୍ରଭାରୀ ପଦରୁ ଜିତେନ୍ଦ୍ର ସିଂଙ୍କ ଇସ୍ତଫା



ନୂଆଦିଲ୍ଲୀ,୪।୫(ଏଜେନ୍ସି): ଆସାମରେ ସର୍ବଭାରତୀୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ ଆସାମର ପ୍ରଭାରୀ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫା ପତ୍ର ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେଙ୍କ ନିକଟକୁ ପଠାଇଛନ୍ତି। ନିର୍ବାଚନରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ସେ ନିଜକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଦଳ ଆସାମବାସୀଙ୍କ ଆଶା ଓ ବିଶ୍ୱାସ ପୂରଣ କରିବାରେ ବିଫଳ ହୋଇଛି ବୋଲି ସେ କହିଛନ୍ତି। ଏହି ପରାଜୟର ନୈତିକ ଦାୟିତ୍ୱ ଗ୍ରହଣ କରି ସେ ତୁରନ୍ତ ପ୍ରଭାବରୁ ନିଜ ପଦରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଆସାମର ଜନସାଧାରଣ, କଂଗ୍ରେସ କର୍ମକର୍ତ୍ତା ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କୁ ତାଙ୍କ ପ୍ରତି ଦେଖାଇଥିବା ଭଲପାଇବା ଓ ସମ୍ମାନ ପାଇଁ ସେ ବିଶେଷ ଭାବେ ଧନ୍ୟବାଦ ଅର୍ପଣ କରିଛନ୍ତି। ପଦବୀରୁ ଇସ୍ତଫା ଦେଇଥିଲେ ହେଁ, ସେ କଂଗ୍ରେସ ଦଳର ଆଦର୍ଶ ଓ ଦୂରଦୃଷ୍ଟି ପ୍ରତି ସର୍ବଦା ପ୍ରତିବଦ୍ଧ ରହିବେ ବୋଲି ସ୍ପଷ୍ଟ କରିଛନ୍ତି।

**ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କ କଡ଼ା ନିର୍ଦ୍ଦେଶ**

## ସରକାରୀ ନଥିପତ୍ର ଗାଏବ ହେଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ

କଲିକତା,୪।୫(ଏଜେନ୍ସି): ପଶ୍ଚିମବଙ୍ଗରେ ବିଜେପି କ୍ଷମତାକୁ ଆସିବା ନିଶ୍ଚିତ ସହ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରୀ ଦସ୍ତାବିଜ୍ ଓ ନଥିପତ୍ରର ସୁରକ୍ଷା ପାଇଁ କଡ଼ା ଚେତାବନୀ ଦେଇଛନ୍ତି। କୌଣସି ପରିସ୍ଥିତିରେ ଯେପରି ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ନଷ୍ଟ କିମ୍ବା ଗାଏବ ନହୁଏ, ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସନ୍ଧିକ୍ଷଣରେ ସଚିବାଳୟ ସମେତ ବିଭିନ୍ନ ସରକାରୀ ଦପ୍ତରରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଓ ନଥିପତ୍ର ନଷ୍ଟ କରାଯିବାର ଆଶଙ୍କା କରି ମୁଖ୍ୟ ଶାସନ ସଚିବ ଏହି ଜରୁରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଶାସନ ପରିବର୍ତ୍ତନ ପ୍ରକ୍ରିୟା ସମୟରେ ସରକାରୀ ସମ୍ପତ୍ତି ଓ ଦସ୍ତାବିଜ୍ ରକ୍ଷଣାବେକ୍ଷଣ କରିବା ପ୍ରତ୍ୟେକ ବିଭାଗୀୟ ସଚିବଙ୍କ ବ୍ୟକ୍ତିଗତ ଦାୟିତ୍ୱ। ବିଶେଷ କରି ଭୂମି ରାଜସ୍ୱ, ଅର୍ଥ ବିଭାଗ, ଗୃହ ବିଭାଗ ଏବଂ ବିଭିନ୍ନ ଜନହିତକର ଯୋଜନାର ଦସ୍ତାବିଜ୍‌ଗୁଡ଼ିକୁ ସୁରକ୍ଷିତ ରଖିବାକୁ କୁହାଯାଇଛି। ଯଦି କୌଣସି ସ୍ଥାନରେ ନଥିପତ୍ର ହେରଫେର କିମ୍ବା ନିଆଁ ଲଗାଇ ପ୍ରମାଣ ନଷ୍ଟ କରିବାର ଘଟଣା ସାମ୍ନାକୁ ଆସେ, ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯିବ ବୋଲି ସଚିବ ଚେତାବନୀ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ବାହାରେ ପୋଲିସ ମୁତୟନ ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଭାରତୀୟ ଗଣତନ୍ତ୍ରରେ ଶାସନ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିବା ବେଳେ ପ୍ରଶାସନିକ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପୁରାତନ ସରକାରଙ୍କ ସମସ୍ତ କାର୍ଯ୍ୟକଳାପର ହିସାବ ଯେପରି ସୁରକ୍ଷିତ ରହେ, ତାହା ନିଶ୍ଚିତ କରିବା ପାଇଁ ବଙ୍ଗଳା ପ୍ରଶାସନ ଏବେ ହାଇ-ଆଲର୍ଟରେ ରହିଛି।

**ପ୍ରେମିକାଙ୍କ ଜନ୍ମ ଦିନରେ ବିଜୟ ଧ୍ୱଜା**

# ତାମିଲନାଡୁର ନୂଆ ଥାଲାପତି

**ବିଜୟଙ୍କ ପ୍ରତିଶ୍ରୁତି**

- ମହିଳାମାନଙ୍କୁ ମାସକୁ ୨୫୦୦ ଟଙ୍କା ଭତ୍ତା
- ପରିବାର ପିଛା ବାର୍ଷିକ ୬ ମାଗଣା ସିଲିଣ୍ଡର
- ଚାଷୀମାନଙ୍କ ପାଇଁ କୃଷିଋଣ ଛାଡ଼
- ବିବାହ ବେଳେ ଝିଅମାନଙ୍କୁ ୮ ଗ୍ରାମ ସୁନା
- ଛାତ୍ରଛାତ୍ରୀଙ୍କୁ ବୃତ୍ତି, ବେକାରଙ୍କୁ ମାସିକ ଭତ୍ତା



ଚେନ୍ନାଇ,୪।୫(ଏଜେନ୍ସି): ମାତ୍ର ୨ ବର୍ଷ ପୂର୍ବରୁ ରାଜନୀତିରେ ପ୍ରବେଶ କରିଥିଲେ ଦକ୍ଷିଣ ଭାରତର ଅନ୍ୟତମ ସୁପରଷ୍ଟାର ଥାଲାପତି ବିଜୟ। ତାଙ୍କ ରାଜନୀତିରେ ପ୍ରବେଶ ନିଷ୍ପତ୍ତି ଆରମ୍ଭରୁ ବିବାଦୀୟ ରହିଥିଲା। ତାଙ୍କ ସମାବେଶରେ ଡଜନେରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ମୃତ୍ୟୁ ପାଇଁ ବିଜୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨ଏହି ସମୟରେ ତାଙ୍କ ପାରିବାରିକ ବିବାଦ ଚରମ ସୀମାରେ ପହଞ୍ଚିଥିଲା ଓ ପତ୍ନୀଙ୍କ ସହ ବିଚ୍ଛେଦ ହେବା ନେଇ ଅଲୋଚନା ଆରମ୍ଭ ହୋଇଥିଲା। ନିର୍ବାଚନ ପୂର୍ବରୁ ବିଜୟଙ୍କ ଟିଭିକେ ୧୦/୨୦ ଆସନ ପାଇପାରେ ବୋଲି ଅନେକ କହୁଥିଲେ। ଗୋଟିଏ ସଂସ୍ଥା ବ୍ୟତୀତ ଅନ୍ୟ ସବୁ ଏକ୍‌ଜିଟ୍ ପୋଲ ମଧ୍ୟ ଅନୁରୂପ ଭବିଷ୍ୟବାଣୀ କରିଥିଲେ। ମାତ୍ର ଶେଷରେ ଯାହା ଆଶା କରାଯାଉ ନ ଥିଲା, ତାହା ହିଁ ଘଟିଲା। ଥାଲାପତି ବିଜୟଙ୍କ ତାମିଲଗା ୱେଟ୍ରି କଝଗମ୍ (ଟିଭିକେ) ତାମିଲନାଡୁରେ ଏକକ ବୃହତ୍ତମ ଦଳ ଭାବରେ ଉଭା ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ଼ିଏମ୍‌କେ ମୁଖ୍ୟ ଷ୍ଟାଲିନ୍‌ଙ୍କ ଗଡ଼କୁ ଧ୍ୱଂସ କରି ବିଜୟ ଦ୍ରାବିଡ଼ ରାଜନୀତିରେ ନୂଆ ଥାଲାପତି ପାଲଟିଛନ୍ତି। ତାଙ୍କ ଦଳର ବିପୁଳ ବିଜୟ ଥାଲାପତି ବିଜୟଙ୍କୁ ରାଜନୀତିର ଧୂରନ୍ଧରରେ ପରିଣତ କରିଛି। ପ୍ରେମିକା ତ୍ରିଷା କ୍ରିଷ୍ଣନଙ୍କ ଜନ୍ମଦିନରେ ତାମିଲନାଡୁରେ ବିଜୟ ଧ୍ୱଜା ଥାଲାପତିଙ୍କ ପାଇଁ ଏହି ବିଜୟକୁ ଅଧିକ ସ୍ମରଣୀୟ କରିଛି। ବିଜୟଙ୍କ ଦଳର ବିପୁଳ ସଫଳତା ପରେ ତ୍ରିଷା ତିରୁପତି ଦର୍ଶନ କରି ଶୁଭେଚ୍ଛା ଜ୍ଞାପନ ପାଇଁ ସିଧା ବିଜୟଙ୍କ ଘରେ ପହଞ୍ଚିଛନ୍ତି।

ବିଜୟଙ୍କ ଏହି ବିଜୟ ରାଜ୍ୟରେ ନୂଆ ରାଜନୀତିର ଯୁଗ ଆରମ୍ଭ ହୋଇଛି। ପୂର୍ବରୁ ଅନେକ ଦଶନ୍ଧି ଧରି ତାମିଲନାଡୁ ରାଜନୀତିକୁ ଡ଼ିଏମ୍‌କେ ଓ ଏଆଇଡ଼ିଏମ୍‌କେ ପ୍ରଭାବିତ କରି ରଖିଥିଲେ। ଅନେକ ଦଶକ ଧରି ଚାଲିଥିବା ଏହି ଧାରା ଶେଷରେ ଭାଙ୍ଗିଛି। ୫୧ ବର୍ଷୀୟ ବିଜୟ ତାଙ୍କ ସୁପରଷ୍ଟାର ଛବିକୁ ଭୋଟ୍‌ରେ ରୂପାନ୍ତରିତ କରିବାରେ ସଫଳ ହୋଇଛନ୍ତି। ଗତ ୩ ଦଶନ୍ଧି ଧରି ସିନେମା ପର୍ଦ୍ଦାରେ ତାଙ୍କର ପ୍ରଶଂସକ ଓ ଅନୁଗାମୀମାନେ ବିଜୟଙ୍କୁ ଜଣେ ତ୍ରାଣକର୍ତ୍ତା ଭାବରେ ଦେଖି ଆସିଛନ୍ତି ଓ ଏହି କାରଣରୁ ଯୁବବର୍ଗ ଓ ମହିଳା ଭୋଟରମାନେ ବିଜୟଙ୍କୁ ରାଜନୀତିର ନାୟକରେ ପରିଣତ କରିଛନ୍ତି। ବିଜୟ ଓ ତାଙ୍କ ପାର୍ଟିକୁ ସର୍ବାଧିକ ଭୋଟ ଯୁବକ ଓ ମହିଳାମାନଙ୍କ ଠାରୁ ମିଳିଛି। ପ୍ରଥମ ଥର ଭୋଟ୍ ଦେଉଥିବା ଭୋଟରମାନଙ୍କ ମନରେ ତାଙ୍କର ସିନେମାର ପ୍ରଭାବ ଦେଖିବାକୁ ମିଳିଛି।

ଦୀର୍ଘବର୍ଷର ଅଭିନୟ ଜୀବନ ଛାଡ଼ି ସେ ୨୦୨୪ରେ ଟିଭିକେ ଗଠନ କରିଥିଲେ। ଏହା ପୂର୍ବରୁ ତାଙ୍କର ଏନ୍‌ଜିଓ 'ବିଜୟ ମକ୍କଳ ଇୟାକ୍କମ' ମାଧ୍ୟମରେ ଯେଉଁ ଭିତ୍ତିଭୂମି ସୃଷ୍ଟି କରିଥିଲେ, ନିର୍ବାଚନ ପରିଚାଳନାରେ ତାହା ତାଙ୍କ ପାଇଁ ଯଥେଷ୍ଟ ସହାୟକ ହୋଇ ପାରିଛି।

ପ୍ରଥମଥର ପାଇଁ ବିଜୟ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ତାଙ୍କ ସମ୍ମୁଖରେ ଥିଲେ ରାଜନୀତିରେ ଦୁଇ ପୋଖତ ଖେଳାଳି ଡ଼ିଏମ୍‌କେ ଓ ଏଆଇଡ଼ିଏମ୍‌କେ। ଦୁଇ ଦଳରେ ଅନେକ ଅନୁଭବୀ ନେତା ଥିଲେ। ନବାଗତ ବିଜୟ ଓ ତାଙ୍କ ଟିଭିକେକୁ କେହି ଗୁରୁତ୍ୱ ଦେଇ ନ ଥିଲେ ଓ ବିଜୟ ମଧ୍ୟ କ୍ଷମତାକୁ ଆସିବା ପାଇଁ କାହା ସହ ମେଣ୍ଟ କରି ନ ଥିଲେ। ମାତ୍ର ସାଧାରଣରେ ବିଜୟଙ୍କ ଛବି, ବିଶାଳ ପ୍ରଶଂସକ ଗୋଷ୍ଠୀ ଓ ବିପୁଳ ପ୍ରତିଶ୍ରୁତି ତାଙ୍କୁ ବିଜୟ ଭେଟି ଦେଇଥିଲା।

# ବଙ୍ଗ ବିଜୟ: ପାଞ୍ଚ ବର୍ଷ, ପାଞ୍ଚ ନାୟକ

କୋଲକାତା,୪।୫(ଏଜେନ୍ସି):

**ତୃଣମୂଳସ୍ତର ପର୍ଯ୍ୟନ୍ତ ମୋଦୀଙ୍କ ସମ୍ପର୍କ**

**ଶାହାଙ୍କ ରଣନୀତି ଓ ପରିବର୍ତ୍ତନ ଯାତ୍ରା**

**ଭୂପେନ୍ଦ୍ର-ବଂଶଲଙ୍କ ସଂଗଠନ ସଂରଚନା**

**ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସମ୍ପର୍କ**



ପଶ୍ଚିମବଙ୍ଗରେ ବିଜେପିର ବିଜୟ ହେଉଛି ଯୋଜନାବଦ୍ଧ ରଣନୀତି, ଶକ୍ତିଶାଳୀ ନେତୃତ୍ୱ ଓ ସାଂଗଠନିକ ଶକ୍ତିର ପରିଣାମ। ଯେଉଁଥିପାଇଁ ମମତା ବାନାର୍ଜୀଙ୍କ ପରି ଶକ୍ତିଶାଳୀ ନେତ୍ରୀଙ୍କୁ ସତ୍ତା ବିରୋଧୀ ଜନାଦେଶର ସମ୍ମୁଖୀନ ହେବାକୁ ପଡ଼ିଛି ଓ ପ୍ରତିସ୍ତରରେ ସୁସଂଯୋଜିତ କାର୍ଯ୍ୟ ବିଜେପିକୁ ପ୍ରଚଣ୍ଡ ଓ ଅବିଶ୍ୱସନୀୟ ସଫଳତା ଦେଇଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ୨୦୨୬ ରାଜନୀତିରେ ସବୁଠାରୁ ଉଲ୍ଲେଖନୀୟ ଘଟଣା। ଦୀର୍ଘ ୧୫ ବର୍ଷ ଧରି କ୍ଷମତାସୀନ ତୃଣମୂଳ କଂଗ୍ରେସ ଦୁର୍ଗକୁ ଧ୍ୱଂସ କରି ବିଜେପି ପ୍ରଥମଥର ପାଇଁ ପଶ୍ଚିମବଙ୍ଗରେ କ୍ଷମତାସୀନ ହୋଇଛି। ମମତାଙ୍କ ଦୁର୍ଗ ପତନ ପଛରେ ଅନେକ କାରଣ ରହିଛି। ମାତ୍ର ୨୦୨୧ ରୁ ୨୦୨୬ ପର୍ଯ୍ୟନ୍ତ ବିଜେପି ଚଳାଇଥିବା ଦୀର୍ଘ ପାଞ୍ଚ ବର୍ଷର ନିରନ୍ତର ଉଦ୍ୟମର ପରିଣତ ହେଉଛି ବଙ୍ଗ ବିଜୟ।

ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ବିଜୟର ଶ୍ରେୟ ରାଜନୈତିକ ସମୀକ୍ଷକ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ହିଁ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସକ୍ରିୟତା ବିଜେପି ପାଇଁ ଗେମଚେଞ୍ଜର ହୋଇଥିଲା। ସେ ୨୦ରୁ ଅଧିକ ରାଲି ଓ ଶତାଧିକ ରୋଡ୍ ଶୋ କରିଥିଲେ। ଝାଡ଼ଗ୍ରାମରେ ଝାଲମୁଢ଼ି ଖାଇବା, ହୁଗୁଳି ନଦୀରେ ବୋଟିଂ ଓ ସ୍ଥାନୀୟ ସଂସ୍କୃତି ସହ ଯୋଡିହେବା ପରି ପଦକ୍ଷେପ ସହ ଦକ୍ଷିଣେଶ୍ୱର କାଳି ମନ୍ଦିର, ବେଲୁରମଠ, ଥନ୍ତନିଆ କାଳିବାଡ଼ି ପରି ସ୍ଥାନ ବୁଲି ସ୍ଥାନୀୟ ଭୋଟରମାନଙ୍କ ସହ ଭାବନାତ୍ମକ ସମ୍ପର୍କ ଗଢ଼ିବାରେ ସକ୍ଷମ ହୋଇଥିଲେ।

ଶାହଙ୍କ ରଣନୀତି ଓ 'ପରିବର୍ତ୍ତନ ଯାତ୍ରା' ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ସଫଳତାର ମୁଖ୍ୟ ଚାବି। ବିଜେପିର 'ପରିବର୍ତ୍ତନ ଯାତ୍ରା' ପ୍ରାୟ ୫୦୦୦ କି.ମି. ଅତିକ୍ରମ କରି ପ୍ରତି ଗାଁରେ ଦଳର ବାର୍ତ୍ତା ପହଞ୍ଚାଇଥିଲା। ଶାସନରେ ଦୁର୍ନୀତି, ରାଜ୍ୟରେ ଅନୁପ୍ରବେଶ ଓ ଦୁର୍ବଳ ଆଇନ-ଶୃଙ୍ଖଳା ପ୍ରସଙ୍ଗକୁ ଆଗରେ ରଖି ବିଜେପି ସତ୍ତା ବିରୋଧୀ ଜନ ଅସନ୍ତୋଷକୁ ନିଜ ସପକ୍ଷକୁ ଆଣିବାରେ ସଫଳ ହୋଇଥିଲା।

ବଙ୍ଗରେ ବିଜେପିର ସଫଳତା ପଛରେ ଦଳର ଦୁଇ ସଙ୍ଗଠକ ଭୂପେନ୍ଦ୍ର ଯାଦବ ଓ ସୁନୀଲ ବଂଶଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଲୋକଲୋଚନ ଆଢୁଆଳରେ ସମଗ୍ର ନିର୍ବାଚନ ରଣନୀତିକୁ ସେମାନେ କାର୍ଯ୍ୟରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟରୁ ବୁଥ ପର୍ଯ୍ୟନ୍ତ ସଙ୍ଗଠନକୁ ମଜବୁତ କରିବା, କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଓ ଅନ୍ତର୍ଦ୍ୱନ୍ଦ୍ୱକୁ ସମାଧାନ କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା କୁହାଯାଉଛି। ଏହି ନିର୍ବାଚନରେ ଦଳର ସଫଳତାର ଅନ୍ୟତମ ନାୟକ ହେଉଛନ୍ତି ପଶ୍ଚିମବଙ୍ଗରେ ଦଳର ଅନ୍ୟତମ ଚେହେରା ଶୁଭେନ୍ଦୁ ଅଧିକାରୀ। ରାଜ୍ୟର ସବୁ ଅଞ୍ଚଳରେ ତାଙ୍କର ଗ୍ରହଣୀୟତା ରହିଛି। ଯାହା ଦଳ ପାଇଁ ରଣନୀତି ପ୍ରସ୍ତୁତ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣର୍ ଭୂମିକା ଗ୍ରହଣ କରିଥିଲା।

ଏହାବ୍ୟତୀତ ଅନ୍ୟ ୪ଟି ପ୍ରସଙ୍ଗ ବଙ୍ଗ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୁହାଯାଉଛି। ମୁସଲମାନ ବହୁଳ ଅଞ୍ଚଳରେ ମମତାଙ୍କ ପ୍ରାଧାନ୍ୟ ହ୍ରାସ। ରାଜ୍ୟର ୧୧୮ଟି ମୁସଲମାନ ବହୁଳ ଅଞ୍ଚଳ ମଧ୍ୟରୁ ୨୦୨୧ରେ ଟିଏମ୍‌ସି ୧୦୩ଟି ଆସନ ପାଇଥିଲା ଓ ବିଜେପିକୁ ମିଳିଥିଲା ମାତ୍ର ୧୪। ମାତ୍ର ଚଳିତ ନିର୍ବାଚନରେ ଏହି ଅଞ୍ଚଳରେ ମମତାଙ୍କୁ ମାତ୍ର ୫୮ ଆସନ ମିଳିଛି ଓ ବିଜେପି ପାଇଛି ୫୩ ଆସନ। ଏହାବ୍ୟତୀତ ବିଜେପି ଆସିଲେ ରାଜ୍ୟରେ ମାଛ, ମାଂସ ଖାଇବା ବନ୍ଦ କରିଦେବ ବୋଲି ତୃଣମୂଳର ପ୍ରଚାରକୁ ବିଜେପି ନିଜ ଢ଼ାଞ୍ଚାରେ ଜବାବ ଦେଇଛି। ମମତା ବାନାର୍ଜୀ ମହିଳାମାନଙ୍କୁ ମାସିକ ୫୦୦ ଟଙ୍କା ଭତ୍ତା ଦେଉଥିଲେ ଓ ତାହାକୁ ୧୫୦୦କୁ ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ମାତ୍ର ବିଜେପିର ୩୦୦୦ ଟଙ୍କା ପ୍ରତିଶ୍ରୁତି ନିକଟରେ ତାହା ଫିକା ହୋଇଗଲା। ୧୫ ବର୍ଷର ସତ୍ତା ବିରୋଧୀ ହାୱା, ସାଂପ୍ରଦାୟିକ ନ୍ୟାରେଟିଭ୍ ସହ ଏସ୍‌ଆଇଆର୍‌ରେ ୯୨ ଲକ୍ଷ ଭୋଟ କଟିବା ପଶ୍ଚିମବଙ୍ଗରେ ମମତାଙ୍କ ଦୁର୍ଗ ପତନର କାରଣ ହୋଇଥିବା କୁହାଯାଉଛି।

